# Akashvani, Sambalpur

## SAMBALPURI NEWS EVENING BULLETIN

**18 August 2024- 7.02 pm- 7.12 pm.**

*********************************************

୧- ଉଦ୍‌ଯାପିତ୍ ହେଲା ନୂଆଁ ବିଧାୟକ୍ ମାନ୍‌କର୍ ପ୍ରଶିକ୍ଷଣ ଶିବିର ।

୨- ଚଢ଼କ୍ ମରା ନୁକ୍‌ସାନ୍ କମ୍ କର୍‌ବାର୍‌କେ ରାଏଜେ ଲଗାଯାଉଛେ ୨୦ ଲାଖ୍ ତାଲ୍‌ଗଛ୍ - କହେଲେ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ୍ ପୂଜାରୀ ।

୩- ଉତର୍‌ପ୍ରଦେଶ୍‌ନୁ ଟ୍ରେନ୍‌ଥି ରାଜ୍ୟକେ ଅନାଯିବା ଆଳୁ - କହେଲେ ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍‌ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ।

୪- ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ତଦାରଖ୍ ବୃତି ଆଇନ୍ -୨୦୨୧କେ ଆଏବା ଅକ୍ଟୋବର୍ ମାସର୍ ୧୨ ତାରିଖ୍‌ତକ୍ ଲାଗୁ କର୍‌ବାର୍‌କେ ନିର୍ଦ୍ଦେଶ୍ ଦେଲେ ସୁପ୍ରିମ୍‌କୋର୍ଟ ।

ଆଉର୍

୫- ଆଏବା କାଏଲ୍ ସଖାଲ୍‌ତକ୍ ବନିହାଁ ବର୍ଷା ନେଇକରି ୨୧ ଟା ଜିଲ୍ଲାର୍ ଲାଗି ସତର୍କ ସୂଚ୍‌ନା ଜାରି ।

ବିଧାୟକଙ୍କର୍ ପ୍ରଶିକ୍ଷଣ ଶିବିର ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟ ବିଧାନ୍‌ସଭାକେ ନୂଆଁକରି ନିର୍ବାଚିତ୍ ବିଧାୟକ୍‌ମାନ୍‌କର୍ ୨ ଦିନିଆ ପ୍ରଶିକ୍ଷଣ ଶିବିର୍ ଆଏଜ୍ ଉଦ୍‌ଯାପିତ୍ ହେଇଯାଇଛେ । ଆଏଜ୍ ରାଜ୍ୟସଭାର୍ ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂ ଆଉ ସାଂସଦ୍ ଭର୍ତୃହରି ମହତାବ୍ ଗୃହ ନ ଗଣତାନ୍ତ୍ରିକ ବ୍ୟବସ୍ଥା ଅନ୍‌ସାରେ କାମ୍ ବାବ୍‌ଦେ ପ୍ରଶିକ୍ଷଣ୍ ଦେଇଥିଲେ । ଶିବିରଥି ବିଧାୟକ୍‌ମାନ୍‌କୁ ବିଧାନ୍‌ସଭାର୍ କାମ୍‌କାଜ୍ ଆର୍ ଗୃହ ନ ଆଲୋଚନାଥି ଭାଗ୍ ନେବାର୍ ବାବ୍‌ଦେ ପ୍ରଶିକ୍ଷଣ୍ ଦିଆଯାଇଥିବାର୍ ବେଲେ ଗଲାକାଏଲ୍ ଶିବିରକେ କେନ୍ଦ୍ର ସଂସଦୀୟ ବ୍ୟାପାର୍ ମନ୍ତ୍ରୀ କିରଣ୍ ରିଜିଜୁ ଉଦ୍‌ଘାଟନ୍ କରିଥିଲେ । ବିଧାୟକ୍‌ମାନ୍‌କର୍ ଶୃଙ୍ଖଲିତ୍ ଆଚରଣ୍, ଉଚ୍ଚାରଣ୍ ଆର୍ ଭଲ୍ କାର୍ଯ୍ୟଶୈଳୀ ଗଣତାନ୍ତ୍ରିକ ପରମ୍ପରାକେ ବର୍‌କସ୍ କର୍‌ସି ବଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ରିଜିଜୁ କହିଥିଲେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଶିବିରଥି ଯୋଗ୍ ଦେଇକରି ଓଡ଼ିଶାକେ ବିକଶିତ ଭାରତ୍ ବର୍ଷର୍ ଗୁଟେ ଶ୍ରେଷ୍ଠ ରାଜ୍ୟ କର୍‌ବାର୍‌କେ ବିଧାୟକ୍‌ମାନ୍‌କୁ ଆହ୍ୱାନ୍ ଦେଇଥିଲେ ।

ତାଲ୍‌ଗଛ୍- ସୁରେଶ୍ ପୂଜାରୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ଚଡ଼କ୍‌ମରା ନୁକ୍‌ସାନ୍ କମ୍ କର୍‌ବାର୍‌କେ ରାଜ୍ୟ ସର୍‌କାର୍ ୨୦ ଲାଖ୍ ତାଲ୍‌ଗଛ୍ ଲଗାବାର୍ ପ୍ରକ୍ରିୟା ହାତ୍‌କେ ନେଇଛନ୍ । ରାଜସ୍ୱ ଆର୍ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ୍ ପୂଜାରୀ ଇ ବାବ୍‌ଦେ ଗଣମାଧମ୍‌କେ ସୂଚ୍‌ନା ଦେଇକରି କହିଛନ୍ ଯେ, ଚଡ଼କ୍‌ମରାଥି ଦେଶେ -ଓଡ଼ିଶା ନ ସବୁନୁ ଅଏତ୍‌କା ଜୀବନ୍ ଯାଉଛେ । ବଛର୍‌କ ପାଖାପାଖି ୩ ଶହ ଲୁକ୍‌କର୍ ଚଡ଼କ୍‌ମରାଥି ଜୀବନ୍ ଯାଉଛେ । ଜଙ୍ଗଲ୍ ଆଉ କୃଷିବିଭାଗ୍ ତର୍‌ଫୁ ମିଲିତ୍ ଭାବେ ରାଜ୍ୟର୍ ଭିନ୍ ଭିନ୍ ଇଲାକା ନ ୨୦ ଲାଖ୍ ତାଲ୍‌ଗଛ୍ ଲଗାବାର୍ କାମ୍ ମୁଲ୍ ହେଇଛେ । ଇତାର୍‌ସଙ୍ଗେ ରାଜ୍ୟର୍ ଯେନ୍ ସ୍କୁଲ୍‌ମାନ୍‌କୁ ଆର୍‌ଥିଙ୍ଗ୍ ନାଇଁନ ସେନ ଆର୍‌ଥିଙ୍ଗ୍ କାମ୍ କରାଯିବା ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ।

ଚଡ଼କ୍ ମରା-ଏସ୍‌ଆର୍‌ସି        ଏସ୍‌ଆର୍‌ସି ପ୍ରେସ୍ ରିଲିଜ୍

ଗଲା କେତେ ଦିନ୍ ହେଲା ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଚଡ଼କ୍ ମରାଥି ଲୁକ୍‌କର୍ ଜୀବନ୍ ଯାଉଥିବାର୍‌ନୁ ଚଡ଼କ୍ ମରା ସମିଆଥି ନିଜକୁ ସୁରକ୍ଷିତ୍ ରଖିବାର୍‌କେ ସ୍ୱତନ୍ତ୍ର ରିଲିଫ୍ କମିଶନର୍‌ଙ୍କର୍ ତର୍‌ଫୁ ଲୋକ୍‌ମାନ୍‌କୁ ନିବେଦନ୍

କରାଯାଇଛେ । ସ୍ୱତନ୍ତ୍ର ରିଲିଫ୍ କମିଶନର୍‌ଙ୍କର୍ କାର୍ଯ୍ୟାଲୟ ତର୍‌ଫୁ ଜାରି ପ୍ରେସ୍ ଇସ୍ତାହାର୍‌ଥି ଚଡ଼କ୍ ମାରୁଥିବାର୍ ସମିଆଥି ଘର୍ ବାହାରେ ଥିଲେ ଯେତ୍‌କି ଜଲ୍‌ଦି ପାର୍‌ବେ ଲୁଇଁଯାଇକରି ଆଣ୍ଟୁ ବଙ୍କା କରି ଆଗ୍‌କେ ଝୁଲିକରି ବସ୍‌ବାର୍‌କେ ପରାମର୍ଶ ଦିଆଯାଇଛେ । କେତେବେଲେ ଭିଲ୍ ଭୂଇଁଥି ଚିତ୍ ହେଇକରି ନାଇଁ ଶୁଇବାର୍‌କେ କୁହାଯାଇଛେ ।

ଉତର୍‌ପ୍ରଦେଶ୍ ଆଲୁ- ଟ୍ରେନ୍          ହି.ସ.

ରାଏଜେ ଆଲୁର୍ ଅଭାବ୍ ଦୂର୍ କର୍‌ବାର୍‌କେ ସର୍‌କାର୍ ଉତର୍‌ପ୍ରଦେଶ୍‌ନୁ ଟ୍ରେନ୍‌ଥି ଆଲୁ ଆନ୍‌ବେ ବଲି ରାଜ୍ୟ ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍‌ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ଆଏଜ୍ ଗଣମାଧ୍ୟମ୍ ପ୍ରତିନିଧି ମାନ୍‌କୁ ସେ କହିଛନ୍ ଯେ, ୨ ଟା ଟ୍ରେନ୍‌ଥି ଆଲୁ ଆନ୍‌ବାର୍ ଉଦ୍ୟମ୍ ଚାଲିଛେ । ହେ ବାବ୍‌ଦେ ରେଲ୍‌ମନ୍ତ୍ରୀଙ୍କର୍ ସାଙ୍ଗେ ଆଲୋଚନା ହେଉଛେ । ଇନ ଜନେଇ ଦିଆଯାଇପାରେ ଯେ, ଆଲୁର୍ ଲାଗି ପଶ୍ଚିମବଙ୍ଗ୍ ଉପ୍‌ରେ ନିର୍ଭରଶୀଳତା କମାବାର୍‌କେ ରାଜ୍ୟ ସର୍‌କାର୍ ଉତର୍‌ପ୍ରଦେଶ୍‌ନୁ ଆଲୁ ଆନ୍‌ବାର୍ ନିଷ୍ପତି ନେଇଛନ୍ ।

ପଶୁ ଟୀକାକରଣ୍          ଆର୍‌ଏନ୍‌ୟୁ/ କଟକ୍

ଟୀକାକରଣ୍ ଜରିଏ ଆଏବା ୨୦୩୦ ମସିହାତକ୍ ଭାରତ୍‌ନୁ ପଶୁମାନ୍‌କର୍ ପାଦ ଆର୍ ମୁଖ ବେମାରୀ ଏଫ୍‌ଏମ୍‌ଡି କେ ଲୋପ୍ କର୍‌ବାର୍ ଲକ୍ଷ୍ୟ ରଖାଯାଇଛେ ବଲି କେନ୍ଦ୍ର ମତ୍ସ୍ୟ, ପଶୁପାଲନ୍ ଆଉ ଦୁଗ୍ଧ ଉତ୍ପାଦନ ମନ୍ତ୍ରୀ ରାଜୀବ୍ ରଞ୍ଜନ୍ ସିଂ କହିଛନ୍ । ସେ କହିଛନ୍ ଭାରତୀୟ ଅର୍ଥନୀତିର୍ ଲାଗି ପଶୁ ସମ୍ପଦ୍‌ର ସୁରକ୍ଷା ଖୋବ୍ ଗୁରୁତ୍ୱପୂର୍ଣ୍ଣ ଆଏ । ପଶୁ ସମ୍ପଦ୍‌ର ଅଭିବୃଦ୍ଧିର୍ ଲାଗି ଏଫ୍‌ଏମ୍‌ଡି ବେମାରୀକେ ଲୋପ୍ କର୍‌ବାର୍ ଲାଗି ପଦକ୍ଷେପ୍ ନିଆଯାଉଛେ । ଆଇସିଏଆର୍ ବିକଶିତ୍ କରିଥିବା ପଶୁ ଟୀକା ଘରୋଇ କମ୍ପାନୀ ଜିରଏ ଉତ୍ପାଦନ୍ କରାଯାଉଛେ । ଇ ଭିତ୍‌ରେ ଟୀକାରକରଣ୍ ଲାଗି ଟୀକା ଯୁଗାବାର୍‌ଟା ମୁଲ୍ ହେଇଯାଇଛେ ବଲି ମନ୍ତ୍ରୀ ଶ୍ରୀ ସିଂ କହିଛନ୍ ।

ମଙ୍କିପକ୍ସ- କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ          ଆର୍‌ଏନ୍‌ୟୁ /ସମ୍ବଲପୁର

ଦେଶେ ମଙ୍କିପକ୍ସର କେନ୍‌ସି ମାମଲା ସାମ୍ନାକେ ନାଇଁ ଆସି ବଲି କେନ୍ଦ୍ର ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଜଗତ୍‌ପ୍ରକାଶ୍

ନଡ୍ଡା କହିଛନ୍ । ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର୍ ଗୁଟେ ସମୀକ୍ଷା ବୈଠକ୍‌ଥି ଅଧ୍ୟକ୍ଷତା କରିକରି ମନ୍ତ୍ରୀ ଶ୍ରୀ ନଡ୍ଡା କହିଛନ୍ ଯେ, ମଙ୍କିପକ୍ସ ବାବ୍‌ଦେ ଦେଶେ ଜବର୍ ସତର୍କତା ଅନୁସରଣ୍ କରାଯିବା । ସବୁ ବିମାନ୍ ବନ୍ଦର୍, ବନ୍ଦର୍, ଆଉ ସୀମା ନ ସ୍ୱାସ୍ଥ୍ୟ ୟୁନିଟ୍ ମାନ୍‌କୁ ସଚେତନ୍ କର୍‌ବାର୍ ଆଉ ଲାବୋରେଟୋରୀମାନ୍‌କୁ ପ୍ରସ୍ତୁତ୍ ରଖ୍‌ବାର୍ ସଙ୍ଗେ ଚିକିତ୍ସା ସୁବିଧାକେ ପ୍ରସ୍ତୁତ୍ ରଖ୍‌ବାର୍ ଲାଗି ବୈଠକ୍‌ଥି ନିଷ୍ପତି ହେଇଛେ ।

ସ୍ୱାସ୍ଥ୍ୟ ତଦାରଖ୍ ବୃତି ଆଇନ୍          ଆର୍‌ଏନ୍‌ୟୁ/ କଟକ୍

ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ତଦାରଖ୍ ବୃତି ଆଇନ୍ -୨୦୨୧ କେ ଆଏବା ଅକ୍ଟୋବର୍ ମାସ ୧୨ ତାରିଖ୍ ଭିତ୍‌ରେ ଲାଗୁ କର୍‌ବାର୍‌କେ ସୁପ୍ରିମ୍‌କୋର୍ଟ କେନ୍ଦ୍ର ଆଉ ସବୁ ରାଜ୍ୟ ସର୍‌କାର୍ ମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । ପ୍ରଧାନ ବିଚାର୍‌ପତି ଡି.ୱାଇ. ଚନ୍ଦ୍ରଚୂଡ଼୍‌ଙ୍କର୍ ଅଧ୍ୟକ୍ଷତାଥି ୩ ଝନିଆ ଖଣ୍ଡପୀଠଙ୍କର୍ ଆଦେଶ୍ ଅନ୍‌ସାରେ ଆଏବା ୨ ହପ୍ତା ଭିତ୍‌ରେ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ଆଭାସୀ ଜରିଏ ସବୁ ରାଜ୍ୟର୍ ସ୍ୱାସ୍ଥ୍ୟ ସଚିବ ମାନ୍‌କର୍ ସାଙ୍ଗେ ଆଇନ୍ ଲାଗୁ ବାବ୍‌ଦେ ଆଲୋଚନା କରିକରି ପଦକ୍ଷେପ୍ ନେବେ । କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜ୍ୟ ସର୍‌କାର୍ ଦେଇଥିବା

ସୂଚ୍‌ନା ମାନ୍‌କୁ ଟେବୁଲ୍ ଫର୍ମାଟ୍‌ଥି କୋର୍ଟ ନ ଉପସ୍ଥାପନ୍ କର୍‌ବେ ।

ଇନ ଜନେଇ ଦିଆଯାଇପାରେ ଯେ, ୨୦୨୩ ମସିହା ସେପ୍ଟେମ୍ବର୍ ମାସର୍ ୧୨ ତାରିଖ୍‌ର ଶୁଣାଣି ବେଲେ ଓଡ଼ିଶା ସହେତେ ୧୪ ଟା ରାଜ୍ୟ ନ କାଉନ୍‌ସିଲ୍ ଗଢ଼ାଯାଇଥିଲେ ଭିଲ୍ ହେଟା ଠିକ୍ ଭାବେ କାମ୍ ନାଇଁ କର୍‌ବାର୍ ବଲି ସୁପ୍ରିମ୍‌କୋର୍ଟ ଜାନ୍‌ବାର୍‌କେ ପାଇଥିଲେ ।

ସେଂଟର୍ ହେଲ୍‌ଥ ଆର୍‌ଏନ୍‌ୟୁ/ କଟକ୍

ସ୍ୱାସ୍ଥ୍ୟ ସେବା ନ କାମ୍ କରୁଥିବା ଡାକ୍ତର୍ ଆଉ ବାକି କର୍ମଚାରୀମାନ୍‌କର୍ ସୁରକ୍ଷାକେ ନଜର୍‌ଥି ରଖିକରି ବିଚାର୍ ଆଲୋଚନା କର୍‌ବାର୍ ଲାଗି ଗୁଟେ କମିଟି ଗଢ଼୍‌ବାର୍‌କେ କେନ୍ଦ୍ର ସର୍‌କାର୍ ନିଷ୍ପତି ନେଇଛନ୍ । ଭାରତୀୟ ଚିକିତ୍ସକ ସଂଘ - ଆଇଏମ୍‌ଏ ସହେତେ ସ୍ୱାସ୍ଥ୍ୟସେବାଥି ଭାଗିଦାର୍ ଭିନ୍ ଭିନ୍ ସଂଗଠନ୍‌ର ଦାବିକେ ବିଚାର୍‌କେ ନେଇକରି ସର୍‌କାର୍ ଇ ନିଷ୍ପତି ନେବାର୍ ସଙ୍ଗେ କମିଟିର୍ ବିଚାର୍ ଲାଗି ରାଜ୍ୟ ସର୍‌କାର୍‌ମାନ୍‌କର୍‌ଠାନୁ ପରାମର୍ଶ ମାଗିଛନ୍ । ଇତାର୍‌ସଙ୍ଗେ କେନ୍ଦ୍ର ସର୍‌କାର୍ ସ୍ୱାସ୍ଥ୍ୟକର୍ମୀମାନ୍‌କର୍ ପ୍ରତି ମୌଖିକ କି ଶାରୀରିକ ହିଂସା ବିରୋଧ୍ ନ ୬ ଘଂଟା

ଭିତ୍‌ରେ ମାମ୍‌ଲା ରୁଜୁ କର୍‌ବାର୍‌କେ ସବୁ ସର୍‌କାରୀ ଡାକ୍ତର୍‌ଖାନାକେ ନିର୍ଦ୍ଦେଶ୍ ଦେଇଛନ୍ । ଇ ବାବ୍‌ଦେ ଜାରି ବିଜ୍ଞପ୍ତିଥି ଧାରିଜ୍ ସମିଆ ଭିତ୍‌ରେ ମାମ୍‌ଲା ରୁଜୁ କର୍‌ବାର୍ ଦାୟିତ୍ୱ ଅନୁଷ୍ଠାନ୍‌ର ମୁଖ୍ୟଙ୍କର୍ ରହେବା ବଲି ସ୍ୱଷ୍ଟ କରାଯାଇଛେ ।

ବିଜେପି- ସଦସ୍ୟତା ଅଭିଯାନ ଆର୍‌ଏନ୍‌ୟୁ/ କଟକ୍

ଭାରତୀୟ ଜନତା ପାର୍ଟି ଆଏବା ମାସର୍ ୧ ତାରିଖ୍‌ନୁ ନୂଆଁ ସଦସ୍ୟତା ଅଭିଯାନ୍ ମୁଲ୍ କର୍‌ବା । ଇ ଅଭିଯାନ୍‌ଥି ୧୦ କୋଟିନୁ ଅଏତ୍‌କା ନୂଆଁ ସଭ୍ୟ କରାଯିବାର୍ ଲକ୍ଷ୍ୟ ରଖାଯାଇଛେ ବଲି ଦଲର୍ ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ୍ ପାତ୍ର କହିଛନ୍ । ନୂଆଦିଲ୍ଲୀ ନ ଦଲର୍ ରାଷ୍ଟ୍ରୀୟ କାର୍ଯ୍ୟକର୍ତା ବୈଠକ୍‌ଥି ନିଆଯାଇଥିବା ନିଷ୍ପତି ବାବ୍‌ଦେ ସୂଚ୍‌ନା ଦେଇକରି ସେ କହିଛନ୍ ଯେ, ବିଧାନ୍‌ସଭା ନିର୍ବାଚନ୍ ଘୋଷ୍‌ନା ହେଇଥିବା ରାଜ୍ୟମାନ୍‌କୁ ସଦସ୍ୟତା ଅଭିଯାନ୍ ନିର୍ବାଚନ୍ ଉତ୍‌ରୁ ମୁଲ୍ କରାଯିବା । ଦଲର୍ ଭିତିଭୂମିକେ ଆହୁରି ଜବର୍ କର୍‌ବାର୍ ସଙ୍ଗେ ଦଲର୍ ଆଦର୍ଶକେ ଅଏତ୍‌କାନୁ ଅଏତ୍‌କା ଲୁକ୍‌କର୍ ପାଖ୍‌କେ ପୁହୁଁଚାବାର୍‌ଟା ସଦସ୍ୟତା ଅଭିଯାନ୍‌ର ମୂଲ୍ ଲକ୍ଷ୍ୟ ଆଏ ବଲି ଶ୍ରୀ ପାତ୍ର

କହିଛନ୍ । ଇନ ଜନେଇ ଦିଆଯାଇପାରେଯେ, ଗଲାକାଏଲ୍ ଦଲର୍ ରାଷ୍ଟ୍ରୀୟ ସଭାପତି ଜେ.ପି. ନଡ୍ଡାଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ରାଷ୍ଟ୍ରୀୟ କାର୍ଯ୍ୟକର୍ତା ବୈଠକ୍‌ଥି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କର୍ ସହେତେ ଦଲର୍ ଶୀର୍ଷ ନେତୃମଣ୍ଡଲୀ ଯୋଗ୍ ଦେଇଥିଲେ ।

ଆଇନ୍‌ସେବା ପ୍ରାଧିକରଣ      ଆର୍‌ଏନ୍‌ୟୁ/ କଟକ୍

ଅବହେଲିତ୍ ଲୋକ୍‌ମାନ୍‌କର୍ ପ୍ରତି ସହାନୁଭୂତିଶୀଳ ହେବାର୍‌କେ ଜାତୀୟ ଆଇନ୍‌ସେବା ପ୍ରାଧିକରଣ୍‌ର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଆଉ ସୁପ୍ରିମ୍‌କୋର୍ଟର ବିଚାର୍‌ପତି ଜଷ୍ଟିସ୍ ସଞ୍ଜିବ୍ ଖନ୍ନା ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍‌ର ସଚିବ ମାନ୍‌କୁ ଆହ୍ୱାନ୍ ଦେଇଛନ୍ । ଜଷ୍ଟିସ୍ ଖନ୍ନାଙ୍କର୍ ଉପସ୍ଥିତିଥି ରାଜ୍ୟ ଆଇନ୍ ସେବା ପ୍ରାଧିକରଣ୍ ତରଫୁଁ କଟକ୍ ନ ଥିବା ଜୁଡ଼ିସିଆଲ୍ ଏକାଡେମୀଥି ହେଇଥିବା ସମ୍ମିଲନୀଥି ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ୍ ମାନ୍‌କର୍ ସଚିବ ଆର୍ ଅଧିକାରୀଙ୍କର୍ ସହେତେ ବିଚାର୍‌ପତିମାନେ ଯୋଗ୍ ଦେଇଥିଲେ । ସମ୍ମିଲନୀଥି ଓଡ଼ିଶା ଆଇନସେବା ପ୍ରାଧିକରଣ୍‌ର ପୃଷ୍ଠପୋଷକ ଆର୍ ହାଇକୋର୍ଟର ମୁଖ୍ୟ ବିଚାର୍‌ପତି ଜଷ୍ଟିସ୍ ଚକ୍ରଧାରୀ ଶରଣ୍ ସିଂ ସମାଜର ଅଭାବୀ ଆର୍ ଅବହେଳିତ

ବର୍ଗର୍ ଲୁକ୍କର୍ ପାଖିକେ ଆଇନ୍ସେବା ପ୍ରାଧିକରଣ୍ ପୁହୁଁଚିବାର୍ ଦର୍କାର୍ ବଲି କହିଥିଲେ ।

ମୁଖ୍ୟମନ୍ତ୍ରୀ-ଜନ ଅଭିଯୋଗ୍ ଶୁଣାଣି ବନ୍ଦ

ଆର୍ଏନ୍ୟୁ/ କଟକ୍

ଭୁବ୍ନେଶ୍ୱର୍ର ୟୁନିଟ୍ ୫ ନ ଥିବାର୍ ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ପ୍ରକୋଷ୍ଠଥି ଜନ ଅଭିଯୋଗ୍ ଶୁଣାଣି କାର୍ଯ୍ୟକ୍ରମ୍ ଆଏବାକାଏଲ୍ ଆର୍ ଇ ମାସର୍ ୨୬ ତାରିଖ୍ ଦିନ ବନ୍ଦ୍ ରହେବା । ଇ ଦୁହି ଦିନ ସର୍କାରୀ ଛୁଟି ଥିବାର୍ନୁ ଜନ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା ବଲି ସାଧାରଣ ପ୍ରଶାସନ୍ ଆର୍ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍ଫୁ କୁହାଯାଇଛେ ।

ସେଂଟ୍ରାଲ୍ ବେଙ୍କ୍ ଅଫ୍ ଇଣ୍ଡିଆର ଆର୍ଏନ୍ୟୁ /ସମ୍ବଲପୁର

ସୁନ୍ଦର୍ଗଡ୍ ନ ସେଂଟ୍ରାଲ୍ ବେଙ୍କ୍ ଅଫ୍ ଇଣ୍ଡିଆର ପହେଲା ମହିଲା ଶାଖା ଉଦ୍ଘାଟିତ୍ ହେଇଯାଇଛେ । ବେଙ୍କ୍ର କେନ୍ଦ୍ରୀୟ କାର୍ଯ୍ୟାଳୟର୍ ମହାପ୍ରବନ୍ଧକ୍ ସଞ୍ଜୁ ଭି. ମଙ୍ଗରୁଲ୍କର୍ ଇ ଶାଖାକେ ଉଦ୍ଘାଟନ୍ କରିଥିଲେ । ମହିଲା

ହିତାଧିକାରୀ ଆର୍ ଉଦ୍ୟୋଗୀମାନ୍‌କର୍ ଆବଶ୍ୟକତାକେ ପୂରଣ୍ କର୍‌ବାର୍ ସହେତେ ବ୍ୟବସାୟିକ ଅଭିବୃଦ୍ଧିଥି ବେଙ୍କ୍‌ର ଇ ମହିଲା ଶାଖା ସହାୟକ ହେବା ବଲି ସେ କହିଥିଲେ ।

ବିଶ୍ୱ ଆଥଲେଟିକ୍ ଚମ୍ପିଆନ୍‌ସିପ୍ ଆର୍‌ଏନ୍‌ୟୁ/ କଟକ୍

ପେରୁର ରାଜ୍‌ଧାନୀ ଲିମା ଠାନେ ଆଏବା ୨୭ ନୁ ୩୧ ତାରିଖ୍‌ତକ୍ ହେବାର୍‌କେ ଯାଉଥିବା ୨୦ ବଛର୍‌ନୁ କମ୍ ବିଶ୍ୱ ଆଥ୍‌ଲେଟିକ୍ ଚମ୍ପିଆନ୍‌ସିପ୍‌ଥି ଓଡ଼ିଶାର୍ ବାପି ହାଁସ୍‌ଦା ଭାଗ୍ ନେବେ । ଇ ଚମ୍ପିଆନ୍‌ସିପ୍ ଲାଗି ଘୋଷିତ୍ ୪୩ ଝନିଆ ଭାରତୀୟ ଦଲ୍‌ଥି ବାପିଙ୍କର୍ ନାଁ ରହିଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ବଙ୍ଗୋପ୍‌ସାଗର୍ ନ ହେଇଥିବା ଲଘୁଚାପ୍‌ର ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଇଲାକା ନ ବର୍ଷା ହଉଛେ । ଆଏବା ୩ ଦିନ୍‌ତକ୍ ବର୍ଷା ଲାଗି ରହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ କେନ୍ଦ୍ର ତର୍‌ଫୁ କୁହାଯାଇଛେ । ସୂଚ୍‌ନା ଅନ୍‌ସାରେ ଆଏବା କାଏଲ୍ ସଖାଲ୍‌ତକ୍ ପଶ୍ଚିମ ଓଡ଼ିଶାର୍ ସମ୍ବଲ୍‌ପୁର୍,

ବର୍‌ଗଡ଼୍‌, ଦେବ୍‌ଗଡ଼୍‌, ଝାର୍‌ସୁଗୁଡ଼ା, ସୁନ୍ଦର୍‌ଗଡ଼୍‌, ସୁବର୍ଣ୍ଣପୁର୍‌ ଆର୍‌ କଲାହାଣ୍ଡି ସହେତେ ରାଜ୍ୟର୍‌ ୨୧ ଟା ଜିଲ୍ଲାର୍‌ ଗୁଟେ ଜୁଡ଼େ ଜାଗା ନ ଚଡ଼କ୍‌ ମାରିକରି ବନିହାଁ ବର୍ଷା ହେଇପାରେ ।